# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 November – 2025

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ମାଣ୍ଡିଆ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବେ; କହିଲେ କେନ୍ଦ୍ର କୃଷି ମନ୍ତ୍ରୀ
- ମାଣ୍ଡିଆ ଦିବସ ପାଳନ ଅବସରରେ ସୁଷମ ଖାଦ୍ୟ ମାଧ୍ୟମରେ ସୁସ୍ଥ ସମାଜ ଗଠନ ଉପରେ ଗୁରୁତ୍ୱ ଦେଲେ ମୁଖ୍ୟମନ୍ତ୍ରୀ
- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ହେବ ମତଦାନ

– ଆନୁଷଙ୍ଗିକ ଉପକରଣ ସହ ବୁଥ୍ ଅଭିମୁଖେ' ପୋଲିଂ ଅଧିକାରୀ

ଏବଂ

- 'ଶାନ୍ତି ଓ ବିକାଶ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ବିଜ୍ଞାନ ଦିବସ

# କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ

ମାଣ୍ଡିଆ ଏକ ସମ୍ପୂର୍ଣ୍ଣ ଅନ୍ନ, ଏହି ଚାଷ ସହ ଜଡ଼ିତ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ସରକାର ସମସ୍ତ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଆଜି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ପହଁଞ୍ଚିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି, ପୋଷକ ତତ୍ତ୍ୱରେ ଭରପୁର ମାଣ୍ଡିଆ' ମାଟିର ଉର୍ବରତା ପାଇଁ ଉପଯୋଗୀ । କମ୍ ପାଣି ଓ ପ୍ରତିକୂଳ ପାଗରେ ଏହା ଭଲ ଉତ୍ପାଦନ ହେବା ସହ ଆଗାମୀ ପିଢ଼ି ପାଇଁ ମାଟିର ଗୁଣବତ୍ତାକୁ ସୁରକ୍ଷିତ ରଖିବ । ସରକାର ମାଣ୍ଡିଆ ଉତ୍ପାଦନ ବୃଦ୍ଧି କରିବା ପାଇଁ ବଜାର ଓ ଅନ୍ୟାନ୍ୟ ବ୍ୟବସ୍ଥା କାର୍ଯ୍ୟ କରାଉଛନ୍ତି । ପରବର୍ତ୍ତୀ ସମୟରେ 'ଶ୍ରୀ ଅନ୍ନ'ର ରପ୍ତାନୀ ବୃଦ୍ଧି ପାଇଁ ପ୍ରକ୍ରିୟାକରଣ, ପ୍ୟାକେଜିଂ, ବ୍ରାଣ୍ଡିଂ ଓ ବଜାର ପ୍ରବେଶ ଉପରେ ଧ୍ୟାନ କେନ୍ଦ୍ରୀତ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ।ଭୁବନେଶ୍ୱରର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆଜି ଆୟୋଜିତ ମାଣ୍ଡିଆ ଦିବସ ଉଦ୍‌ଘାଟନୀ ସମାରୋହରେ ଶ୍ରୀ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତକରି ଚାଷଜମି ନିରୀକ୍ଷଣ କରିବା ସହ କୃଷକମାନଙ୍କ ସହ ଆଲୋଚନା କରିବେ ବୋଲି

ଜଣାପଡ଼ିଛି । ଅପରାହ୍ଣରେ ଶ୍ରୀ ଚୌହ୍ୱାନ କଟକର ବିଦ୍ୟାଧରପୁର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଆୟୋଜିତ ଏକ ବୈଠକରେ ଅଧ୍ୟକ୍ଷତା କରିବେ । ବୈଠକରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ଡାଲି ଆତ୍ମନିର୍ଭରତା ମିଶନ ଓ ଜାତୀୟ ଜୈବିକ କୃଷି ଅଭିଯାନର କାର୍ଯ୍ୟକାରିତାର ସମୀକ୍ଷା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

Desk

## ମାଣ୍ଡିଆ ଦିବସ

ଶ୍ରୀଅନ୍ନ ବା ମିଲେଟ୍‌କୁ ପ୍ରୋତ୍ସାହନ ଦେବା ତଥା ଏହାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରାଜ୍ୟରେ ନଭେମ୍ବର ୧୦ ତାରିଖ ଆଜିର ଦିନକୁ ମାଣ୍ଡିଆ ଦିବସ ରୂପେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁରୋଧକ୍ରମେ ମିଳିତ ଜାତିସଂଘ ଗତ ୨୦୨୩ ମସିହାକୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରିଥିଲେ। ଶ୍ରୀଅନ୍ନ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ପଦକ୍ଷେପ ନିଆଯାଇଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଣ୍ଡିଆ ଦିବସ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ମାଣ୍ଡିଆ ହେଉଛି ଆମ ଓଡ଼ିଶାର ଗୌରବ, ଚାଷୀ ଭାଇଭଉଣୀଙ୍କ ପରିଶ୍ରମର ଫଳ ଏବଂ ଆମ ପାରମ୍ପରିକ ଖାଦ୍ୟ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହାର ପ୍ରଚାର ପ୍ରସାର କରି ସୁସ୍ଥ,

ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ କରିବା ଦିଗରେ ସମସ୍ତଙ୍କୁ ଆଗେଇ ଆସିବା ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇ କହିଛନ୍ତି, ସ୍ୱାସ୍ଥ୍ୟ ହିତକର ଖାଦ୍ୟ ମାଣ୍ଡିଆର ପ୍ରଚାର, ପ୍ରସାର କରିବା ସହ ଏହାର ଉପାଦେୟତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶାର ମହିଳାମାନେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରତିଦିନର ଖାଦ୍ୟରେ ମାଣ୍ଡିଆକୁ ସାମିଲ କରି ସୁସ୍ଥ ସମାଜ ନିର୍ମାଣରେ ସହଭାଗୀ ହେବା ପାଇଁ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ତି।

HS

## ୨୦୨୭ ଜନଗଣନା

ଆଗାମୀ ୨୦୨୭ ଜନଗଣନା ପାଇଁ ଆଜିଠାରୁ ଡିଜିଟାଲ ପ୍ରାକ୍ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟର ଚାରୋଟି ସ୍ଥାନ ଭୁବନେଶ୍ୱର, କଟକ, ମୟୂରଭଞ୍ଜ ଓ ନବରଙ୍ଗପୁରରେ ୩୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ। ଜନଗଣନା ପାଇଁ ସର୍ବଭାରତୀୟ ସ୍ତରରେ ୩୪ ଲକ୍ଷ ଶିକ୍ଷକ ଗଣନା କାର୍ଯ୍ୟରେ ନିୟୋଜିତ ହେବେ। ଚଳିତ ଥର ଗଣନା ପ୍ରକ୍ରିୟାକୁ କାଗଜ ବିହୀନ ଭାବରେ ମୋବାଇଲ ଆପ୍ ମାଧ୍ୟମରେ

କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଜନଗଣନା ତଥ୍ୟ ସମନ୍ୱିତ ପୁସ୍ତକରେ ଗ୍ରାମ, ସହର, ଜିଲ୍ଲାର ସମସ୍ତ ଭିତ୍ତିଭୂମି ଓ ନଗରସ୍ତରୀୟ ସୁବିଧା ସୁଯୋଗ, ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସାମାଜିକ ଏବଂ ଅଥନୈତିକ ସୂଚନା ରହିବ।

HS

## ଏଫ୍.ଆଇ.ଏ.ଏଫ୍ କର୍ମଶାଳା

ପୁରୁଣା ଓଡ଼ିଆ ଚଳଚ୍ଚିତ୍ରର ସଂରକ୍ଷଣ ପାଇଁ ଆସନ୍ତା ବୁଧବାରଠାରୁ ଭୁବନେଶ୍ୱରର କଳାଭୂମିଠାରେ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ସଂରକ୍ଷଣ ସଂଘ– ଏଫ୍.ଆଇ.ଏ.ଏଫ୍ ପକ୍ଷରୁ ଏକ କର୍ମଶାଳାର ଆୟୋଜନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦ୍‌ଘାଟନ କରିବେ। ଓଡ଼ିଆ ଚଳଚ୍ଚିତ୍ରର ପ୍ରଚାର ପ୍ରସାର, ସଂରକ୍ଷଣ ଏବଂ ନୂତନ ନିୟମ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ କର୍ମଶାଳାରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ସଚେତନତାର ଆବଶ୍ୟକତା ରହିଛି ବୋଲି ଏଫ୍.ଆଇ.ଏ.ଏଫ୍’ର ପ୍ରତିଷ୍ଠାତା ଶିବେନ୍ଦ୍ର ସିଂହ କହିଛନ୍ତି।

Nuapada

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ଭୋଟଗ୍ରହଣ କରାଯିବ। ଏଥିପାଇଁ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତାକାଲି ସକାଳ ୭ଟାରୁ ମତଦାନ

ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ । ଏ ସମ୍ପର୍କରେ ଆମ ନୂଆପଡ଼ା ସମ୍ବାଦଦାତାଙ୍କ ରିପୋର୍ଟ....

**- V/O -**

ନୂଆପଡାରେ ଅବାଧ, ମୁକ୍ତ ଏବଂ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବାପାଇଁ ପ୍ରଶାସନ ପକ୍ଷରୁ ୨ଟି ସହାୟତା ନମ୍ବର ଜାରି କରାଯାଇଛି । ଆସନ୍ତା ୧୪ ତାରିଖ ଶୁକ୍ରବାର ଦିନ ଭୋଟ୍‌ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

HS

## ଇଭିଏମ୍ ଚୋରି

ନିର୍ବାଚନ ଅବ୍ୟବହିତ ପୂର୍ବରୁ ଇଭିଏମ୍ ଚୋରି ଏବଂ ବେଆଇନ ପରିବହନ ସଂକ୍ରାନ୍ତ ଅଭିଯୋଗକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏନ୍.ଗୋପାଳନ ଖଣ୍ଡନ କରିଛନ୍ତି। ଏକ ରାଜନୈତିକ ଦଳ ପକ୍ଷରୁ ଅଣାଯାଇଥିବା ଏଭଳି ଅଭିଯୋଗ ତଥ୍ୟ ଭିତ୍ତିକ ନୁହେଁ ବୋଲି ସେ କହିଛନ୍ତି। ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋପାଳନ କରିଛନ୍ତି, ଅନ୍ୟ ଜିଲ୍ଲାରୁ ନୂଆପଡ଼ାକୁ ଇଭିଏମ୍ ଆସିନାହିଁ। ପ୍ରତ୍ୟେକ ଜିଲ୍ଲାର ଇଭିଏମ୍ ସମ୍ପୃକ୍ତ ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି ବୋଲି ଶ୍ରୀ ଗୋପାଳନ ସ୍ପଷ୍ଟ କରିଛନ୍ତି। ତ୍ରୈମାସିକ ଭିତ୍ତିରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗ୍ ରୁମ୍‌ଗୁଡ଼ିକର ଯାଞ୍ଚ କରାଯାଇଥାଏ ବୋଲି ସେ କହିଛନ୍ତି।

Puri/R

## ଅନଲାଇନ୍ ମହାପ୍ରସାଦ

ଅନଲାଇନ୍‌ରେ ମହାପ୍ରସାଦ ବିକ୍ରି ସଂକ୍ରାନ୍ତ ଜାରି ବିଜ୍ଞାପନ ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଛି। ଭୁବନେଶ୍ୱରର ଜଣେ ବ୍ୟବସାୟୀ shreeprasad.org ନାମକ ଏକ ୱେବସାଇଟ୍ ମାଧ୍ୟମରେ ମହାପ୍ରସାଦ ପାଇଁ ଅନଲାଇନ ଅର୍ଡର ସଂକ୍ରାନ୍ତ ବିଜ୍ଞାପନ ସହିତ ନିଜର ଟେଲିଫୋନ୍ ନମ୍ବର ପ୍ରକାଶ କରିଥିଲେ। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ି ଏହା ବିରୁଦ୍ଧରେ ସାଇବର ଥାନାରେ ଏକ ଏତଲା ଦାଏର କରିଥିଲେ। ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇ ଭୁବନେଶ୍ୱରରୁ କଥିତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

Desk

## ବିଶ୍ୱ ବିଜ୍ଞାନ ଦିବସ

ବିଜ୍ଞାନ ପ୍ରତି ସଚେତନତା ସୃଷ୍ଟି ପାଇଁ ଆଜି ବିଶ୍ୱ ବିଜ୍ଞାନ ଦିବସ ପାଳିତ ହେଉଛି। ସାରା ବିଶ୍ୱରେ ଶାନ୍ତି ଓ ବିକାଶର ଧାରାକୁ ବଜାୟ ରଖିବା ପାଇଁ ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ ୨୦୦୧ ମସିହା ନଭେମ୍ବର ୧୦ ତାରିଖକୁ ଏହି ଦିବସ ରୂପେ ପାଳନ କରିଆସୁଛି। ଚଳିତବର୍ଷ ବିଶ୍ୱାସ, ପରିବର୍ତ୍ତନ, ଭବିଷ୍ୟତ;୨୦୫୦ ପାଇଁ ବିଜ୍ଞାନର ଆବଶ୍ୟକତାକୁ ନେଇ ବିଶ୍ୱ ବିଜ୍ଞାନ ଦିବସ ପାଳନ କରାଯାଉଛି ।

Ganjam

# ବାଘ ଗଣନା

ଗଞ୍ଜାମ ଜିଲ୍ଲାରେ ଆସନ୍ତା ୧୫ ତାରିଖରୁ ବାଘଗଣନା କରାଯିବ। ଏଥିପାଇଁ ବନବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭଞ୍ଜନଗର ଏବଂ ତାରସିଂ ବନବିଭାଗ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ବନବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୬ ଦିନ ଧରି ବାଘଗଣନା ସହ ଅନ୍ୟ ତୃଣଭୋଜି ପ୍ରାଣୀଙ୍କର ମଧ୍ୟ ଗଣନା କରାଯିବ। ଏଥିପାଇଁ ଗଠିତ ସ୍ୱତନ୍ତ୍ର ଦଳ ଆବଶ୍ୟକୀୟ ଉପକରଣ ସହ ସକାଳ ୬ଟାରୁ ଗଣନା କାର୍ଯ୍ୟ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଦେଶରେ ପ୍ରତି ଚାରି ବର୍ଷରେ ଥରେ ବାଘ ଗଣନା କରାଯାଇଥାଏ। ତେବେ ରାଜ୍ୟରେ ବାଘଙ୍କ ସ୍ଥିତି ଏବଂ ତଥ୍ୟ ଜାଣିବା ପାଇଁ ଗତ ୨୦୨୩ ମସିହାରେ ଗଣନା କରାଯାଇଥିଲା।

BHK

# ବୁଥ୍‌ସ୍ତରୀୟ କର୍ମଶାଳା

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅଧୀନ ବନ୍ଧ ବ୍ଲକ ଓଡ଼ଗାଁ ପଞ୍ଚାୟତରେ ବିଜେପି ପକ୍ଷରୁ ବୁଥ୍‌ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀ ଏଥିରେ ଯୋଗଦେଇ ଦଳର ଆଭିମୁଖ୍ୟ ଏବଂ ଦଳୀୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ପହଁଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ୨୦୩୬ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବା ପାଇଁ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ

କରିବାକୁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି। କର୍ମଶାଳାରେ ଦଳୀୟ ଜିଲ୍ଲାସ୍ତରୀୟ ପଦାଧିକାରୀ ଓ କର୍ମୀ ଯୋଗ ଦେଇଥିଲେ।

Ganjam

## ଯୋଗ ପ୍ରଶିକ୍ଷଣ ଶିବିର

ଗଞ୍ଜାମ ମହାବିଦ୍ୟାଳୟ ଖେଳପଡ଼ିଆଠାରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ସେନା ଅଧିକାରୀ ବି.କାମେରାଜୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ  ଆୟୋଜିତ ଏହି ଶିବିରରେ ଯୋଗ ପ୍ରଶିକ୍ଷକ ପଦ୍ମନାଭ ବେହେରା ଏବଂ ବହୁ ଛାତ୍ରଛାତ୍ରୀ ଓ ସମାଜର ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ।

Desk

## ଏଫ୍‌ଆଇଏଚ୍ ହକି

ଏଫ୍.ଆଇ.ଏଚ୍. ମହିଳା ଜୁନିୟର ହକି ବିଶ୍ୱକପ୍-୨୦୨୫ ପ୍ରତିଯୋଗିତା ପାଇଁ ହକି ଇଣ୍ଡିଆ ପକ୍ଷରୁ ଭାରତୀୟ ଦଳ ଘୋଷଣା କରାଯାଇଛି। ଜ୍ୟୋତି ସିଂହଙ୍କ ଅଧିନାୟକତ୍ୱରେ ୨୦ ଜଣ ଖେଳାଳି ଏହି ଦଳରେ ସ୍ଥାନିତ ହୋଇଛନ୍ତି। ଚିଲିର ସାଣ୍ଟିଆଗୋଠାରେ ଆସନ୍ତା ୨୫ରୁ ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ପୁଲ୍-ସି'ରେ ଭାରତ ସହିତ ଜର୍ମାନୀ, ଆୟରଲାଣ୍ଡ, ନାମିବିଆ ଅଛନ୍ତି।

Kandhamal/Desk

## ଶୀତ

ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଆଜି ସକାଳେ ହାଲୁକା ମଧ୍ୟମଧରଣର କୁହୁଡ଼ି ଦେଖାଯାଇଥିଲା ।

କନ୍ଧମାଳ ଜିଲ୍ଲାର ଜି.ଉଦୟଗିରିରେ ୮ ଦଶମିକ ୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ଦାରିଙ୍ଗିବାଡ଼ିରେ ୧୦ ଏବଂ ଫୁଲବାଣୀରେ ୧୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ଆମ ସାମ୍ବାଦିକ ଜଣାଇଛନ୍ତି ।